Largest Circulated Odia Daily
SAMBAD ସମ୍ବାଦ ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ




| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

**ଭାରତୀୟ ସାଂସଦ ଦଳର ପାକିସ୍ତାନ ଗସ୍ତ ବାତିଲ, ଜି୮ରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ସନ୍ତ୍ରାସବାଦ ବି**

ତାରିଖ : ୭/୧୫/୨୦୦୬


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


## ପୂର୍ଣ୍ଣ ବିବରଣୀ



**ବିଜ୍ଞାନ ପ୍ରତିଷ୍ଠାନ ଓଡିଶାରେ ହେବା ନିଶ୍ଚିତ: ଚନ୍ଦ୍ରଶେଖର**

ଭୁବନେଶ୍ୱର, (ଇମିସ): ଓଡିଶାରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏସ୍) ନିଶ୍ଚୟ ପ୍ରତିଷ୍ଠା ହେବ। ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଠାରୁ ଦୃଢ଼ ପ୍ରତିଶ୍ରୁତି ମିଳିଛି ବୋଲି କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଲେ ଯେ ଓଡିଶାରେ ଆଇଆଇଏସ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ଲୋକସଭାରେ କଂଗ୍ରେସ ଦଳର ସଂସଦୀୟ ନେତା ତଥା କେନ୍ଦ୍ର ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ପ୍ରତିଶ୍ରୁତି ଦେଇଥିଲେ। ନାଲ୍କୋରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିକୁ ସ୍ଥଗିତ ରଖିବା ଦାବି ଅବସରରେ ତାଙ୍କ ସହିତ ଯାଇଥିବା ଓଡିଶାର ଦଳୀୟ ପ୍ରତିନିଧି ଓଡିଶାର ସ୍ୱାର୍ଥକୁ ନେଇ ୪ ଦଫା ଦାବି ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଦେଇଥିଲେ। ଏହି ଅବସରରେ ଓଡିଶାରେ ଆଇଆଇଏସ୍ ପ୍ରତିଷ୍ଠା ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ପଛୁଆ ଅଞ୍ଚଳ ବିକାଶ ପାଣ୍ଠି'ରୁ ଓଡିଶା ସବୁଠାରୁ ଅଧିକପାଇବ। ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ଯୋଗାଣ ଯୋଜନାରେ ଓଡିଶାର ୧୯ଟି ଜିଲ୍ଲାକୁ ସାମିଲ କରାଯାଇଛି।

'ସେଣ୍ଟର ଅଫ୍ ଏକ୍ସଲେନ୍ସ' ଯୋଜନାରେ କେନ୍ଦ୍ର ସରକାର ପ୍ରତିବର୍ଷ ଦେଶରୁ ଶହେଟି କରି ଆଇଟିଆଇକୁ ସହାୟତା ଦେଉଛନ୍ତି। ଏହା ପାଞ୍ଚ ବର୍ଷ ଧରି ଚାଲିବ। ଗତ ବର୍ଷ କଟକ ଓ ରାଉରକେଲା ଆଇଟିଆଇକୁ ଏହି ଯୋଜନାରେ ସାମିଲ୍ କରାଯାଇ ଥିବା ବେଳେ ଚଳିତ ବର୍ଷ ତାଳଚେର, ହୀରାକୁଦ, ବାଲେଶ୍ୱର ଓ ବ୍ରହ୍ମପୁର ଆଇଟିଆଇକୁ ଏଥିରେ ସାମିଲ୍ କରାଯିବ। ତାଳଚେରରେ 'ପ୍ରଡକ୍ସନ୍ ଆଣ୍ଡ ମାନୁଫାକ୍ଚର', ହୀରାକୁଦରେ 'ଇନ୍ଷ୍ଟ୍ରୁମେଣ୍ଟେସନ୍' ବାଲେଶ୍ୱରରେ 'ଇଲେକ୍ଟ୍ରିକାଲ୍' ଓ ବ୍ରହ୍ମପୁରରେ 'ଅଟୋମୋବାଇଲ୍' ଶାଖାକୁ ସୁଦୃଢ଼ କରାଯିବ। ଏହି ସବୁ ଆଇଟିଆଇ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ବର୍ଷ କେନ୍ଦ୍ର ସରକାରଙ୍କ ଠାରୁ ତିନି କୋଟି ଟଙ୍କା ସହ ଏମାନଙ୍କୁ ମୋଟ ପ୍ରାୟ ୪ କୋଟି ଟଙ୍କା ମିଳିବ। ଏହାଛଡା ପୁରୀ ଓ ଭବାନୀପାଟଣା ଆଇଟିଆଇର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହାୟତା ଦିଆଯିବ। କେନ୍ଦୁଝରର ଖଣି ଖାଦାନରେ ବହୁ ଲୋକ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସୁବିଧା ପାଇଁ କେନ୍ଦୁଝରରେ ଇଏସ୍ଆଇର ଏକ ଉପ-ଆଂଚଳିକ କାର୍ଯ୍ୟାଳୟ ଖୋଲିବ। ଖୁବ୍ ଶୀଘ୍ର ଇଏସ୍ଆଇର ସର୍ବଭାରତୀୟ ବୈଠକ ପୁରୀରେ ଅନୁଷ୍ଠିତ ହେବ। ଇଏସ୍ଆଇ

### ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୮.୨ | ୩୧.୧ |
| କଟକ | ୨୪.୯ | ୩୦.୪ |
| ବାଲେଶ୍ୱର | ୨୫.୪ | ୩୦.୨ |
| ଗୋପାଳପୁର | ୨୮.୫ | ୩୧.୭ |
| ଝାରସୁଗୁଡ଼ା | ୨୫.୯ | ୩୧.୫ |

### ବିତର୍କ/ମତାମତ ସଂଗ୍ରହ

ଭାରତ-ପାକିସ୍ତାନ ଶାନ୍ତି ପ୍ରକ୍ରିୟାର କୌଣସି ମାନେ ଅଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote





**ରାଜଧାନୀ ଭୁବନେଶ୍ୱରରେ ଏହି ସମ୍ଭ୍ରାନ୍ତ ଓ ବିଳାସପୂ ବାହାଘରର ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ରହିଛି। ଶିଳ୍ପପତି-ରାଜନେତା-ସାଂସଦ ଦିଲ୍ଲୀପ ରାୟ ପୁଅ ବାହାଘର। ଏଠିକି ରାଜ୍ୟପାଳ, ପୁରୀ ରାଜା, ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳର ଜଣାଶୁଣା ବ୍ୟକ୍ତି ଆସିଥିଲେ ଖାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ନଥିଲେ।**

### ଅନ୍ୟାନ୍ୟ ଖବର


- ଏୟାର୍‌ସେଲର 'ସିକ୍ସ ଇନ୍ ୱାନ' ଅଫର୍
- ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନର କ୍ୟାଡ଼େଟ୍‌ଙ୍କ ରଥଯାତ୍ରାରେ ସେବାକାର୍ଯ୍ୟ
- ଏଡ୍‌ସ୍ ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ସଂଗଠନର ଉଲ୍ଲେଖନୀୟ କାର୍ଯ୍ୟ
- ଶ୍ରୀପେରୁମ୍ବୁଦରମରୁ ୯ ଦାଦନ ଶ୍ରମିକ

ହସ୍ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କର ସ୍ୱତନ୍ତ୍ର କ୍ୟାଡର୍ ହେବ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଏହା ଫଳରେ ଏମାନେ ନିର୍ଦ୍ଦେଶକ ପର୍ଯ୍ୟନ୍ତ ପଦୋନ୍ନତି ପାଇବେ ବୋଲି ସେ ସୂଚନା ଦେଇଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ ଆଗାମୀ ପଂଚାୟତ ନିର୍ବାଚନ ଅବସରରେ ୩୦ଟି ଜିଲ୍ଲା ପାଇଁ ଏଆଇସିସି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ନିର୍ବାଚନକୁ ଆଖି ଆଗରେ ରଖି ସାରା ଦେଶରେ ବିଭିନ୍ନ ଜିଲ୍ଲାରେ କର୍ମୀ ସମ୍ମିଳନୀ ହେବ । ଆସନ୍ତା ୨୦ରେ ଖୋର୍ଧା ଓ ୨୧ରେ ଢେଙ୍କାନାଳରେ ଜିଲ୍ଲା ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଏଆଇସିସି ସାଧାରଣ ସଂପାଦକ ଭି. ନାରାୟଣ ସ୍ୱାମୀ ଯୋଗ ଦେବେ । ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିକୁ ମୁକାବିଲା କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । କେବିକେ ଯୋଜନା ବନ୍ଦ ହେବାର କୌଣସି ଯୋଜନା ନାହିଁ । ମାତ୍ର ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରୁଛନ୍ତି । ଯୋଜନା ପାଇଁ ନିଯୁକ୍ତ ମୁଖ୍ୟ ପ୍ରଶାସକ ଓ କାର୍ଯ୍ୟାଳୟକୁ ଏହି ଅଂଚଳରେ ସ୍ଥାପନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତିଶ୍ରୀ ଜେନା ଅଭିଯୋଗ କରିଛନ୍ତି । ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍ ଯୋଜନାକୁ କାର୍ଯ୍ୟକାରୀ କରିବାରେ ମଧ୍ୟ ଓଡିଶା ସରକାର ବିଫଳ ହୋଇଛନ୍ତି । ଏହି ଯୋଜନାରେ କେନ୍ଦ୍ର ସରକାର ୯୦ ପ୍ରତିଶତ ସହାୟତା ଦେଉଥିବା ବେଳେ ରାଜ୍ୟର ୧୦ ପ୍ରତିଶତ ଅଂଶକୁ ଋଣ ଆକାରରେ ଦେଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖ୍ୟ ମୁଖପାତ୍ର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମଧ୍ୟ ଉପସ୍ଥିତ ଥିଲେ । ଓଡିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଗାଡି ପ୍ରସଙ୍ଗକୁ ନେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ ।

ପଂଚାୟତ ନିର୍ବାଚନ ଅବସରରେ ଅନୁଗୁଳ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା ସୀତାକାନ୍ତ ମହାପାତ୍ରଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ ଜୟନ୍ତୀ ପଟ୍ଟନାୟକ, ବରଗଡ- ସୁଜିତ୍ ପାଢୀ, ଭଦ୍ରକ-ଶରତ ରାଉତ, ବଲାଙ୍ଗୀର-ନିରଂଜନ ପଟ୍ଟନାୟକ, ବୌଦ୍ଧ-ଉମେଶ ସ୍ୱାଇଁ, କଟକ-ଜଗନ୍ନାଥ ପଟ୍ଟନାୟକ, ଦେବଗଡ- ସତ୍ୟଭୂଷଣ ସାହୁ, ଢେଙ୍କାନାଳ-ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଗଜପତି- ସନ୍ତୋଷ ସିଂ ସାଲୁଜା, ଗଂଜାମ- ଅନନ୍ତ ସେଠୀ, ଜଗତସିଂହପୁର-ଅମରନାଥ ପ୍ରଧାନ, ଯାଜପୁର-ନଳିନୀ ମହାନ୍ତି, ଝାରସୁଗୁଡା-ନେତ୍ରାନନ୍ଦ ମଲ୍ଲିକ, କଳାହାଣ୍ଡି-କିଶୋର ପଟେଲ୍, କନ୍ଧମାଳ-ପ୍ରକାଶ ଦେବତା, କେନ୍ଦ୍ରାପଡା- ରମାକାନ୍ତ ମିଶ୍ର, କେନ୍ଦୁଝର-ଚିରଂଜୀବୀ ବିଶ୍ୱାଳ, ଖୋର୍ଧା-ପିନାକୀ ମିଶ୍ର, କୋରାପୁଟ-ରାମକୃଷ୍ଣ ପଟ୍ଟନାୟକ, ମାଲକାନଗିରି-ନାରାୟଣ ପାତ୍ର, ମୟୂରଭଂଜ-ଭୂପିନ୍ଦର ସିଂହ, ନବରଂଗପୁର-ରାମଚନ୍ଦ୍ର ଉଲାକା, ନୟାଗଡ-ସେକ୍ ମତ୍ଲୁବ୍ ଅଲ୍ଲୀ, ନୂଆପଡା- ଡମ୍ବରୁଧର ଉଲାକା, ପୁରୀ-ସୁଶ୍ରୀ ସୁଶିଳା ତିରିଆ, ରାୟଗଡା-ଶିବାନନ୍ଦ ରାୟ, ସମ୍ବଲପୁର- ହରିହର କରଣ, ସୋନପୁର-ନବ ଦାସ ଓ ସୁନ୍ଦରଗଡ ପାଇଁ ଗଣେଶ୍ୱର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛିବୋଲି ଶ୍ରୀ ଜେନା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

ପୂର୍ବପୃଷ୍ଠା

ଉଦ୍ଧାର

- ନିରଂଜନ ପ୍ରସାଦ ମହାନ୍ତିଙ୍କ କଂଗ୍ରେସରେ ଯୋଗ ଦାନ
- ଉତ୍କୃଷ୍ଟମାନର ଶିକ୍ଷାପ୍ରଦାନ ଲକ୍ଷ୍ୟରେ ରେଶମ୍ ସାଇନ୍ସ୍ କଲେଜ
- ତାରେକେଶ୍ୱର ଶିବ ମନ୍ଦିର: ପାଞ୍ଚଟି ଗାଁ'କୁ ଏକତା ସୂତ୍ରରେ ବାନ୍ଧିଥିବା ଏକ ଅନୁଷ୍ଠାନ
- ବନ ବିଭାଗର ଚଡାଉ, ଚୋରା କାଠ ଜବତ
- ସମସ୍ୟା ଘେରରେ ଜଟଣୀ ତହସିଲ ଅଫିସ୍
- ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ଭାବେ ନରସିଂହମ୍ଙ୍କ ଯୋଗଦାନ
- ପାରିଜାତ ଧାନର ଉଦ୍ଭାବକ କୃଷି ବିଜ୍ଞାନୀ ହେମନ୍ତ ମହାନ୍ତିଙ୍କ ପରଲୋକ
- ଶହେ ଟଙ୍କା ପାଇଁ ହତ୍ୟା: ଆସାମୀ ଗିରଫ
- ୫୩ ଦାଦନ ଶ୍ରମିକ ଫେରିଲେ, ୨ ନିଖୋଜ
- ବିଟୁମେନ ମିକ୍ସର କାରଖାନାରୁ ୨ ହଜାର ଲିଟର କିରାସିନି ଜବତ
- ଡକାୟତି ପରେ ବୃଦ୍ଧାଙ୍କୁ ତଣ୍ଟି ଚିପି ହତ୍ୟା
- ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ଜଣଙ୍କ ସ୍ଥାନରେ ଜଣେ ଡାକ୍ତର



Copyright © 2001 orissasambad.com

Site Developed by : www.wayindia.com